ଧରିତ୍ରୀ
DHARITRI

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ

କୋରାପୁଟ,୭।୮(ସ୍ୱ.ପ୍ର)

କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ, ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ରୀୟ ପ୍ରଚାର ନିର୍ଦ୍ଦେଶାଳୟ ଜୟପୁର ୟୁନିଟ ପକ୍ଷରୁ ମିଳିତ ଭାବେ ତୃତୀୟ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ୬ ଜଣ ବୁଣାକାରଙ୍କୁ ସମ୍ମାନିତ କରାଯାଇଛି । ସେମାନେ ହେଲେ କେବିକେ ଅଞ୍ଚଳର ମଧୁ ପାନିକ, ବିଦ୍ୟାଧର ମୋହନ୍ତ, ଗୋବର୍ଦ୍ଧନ ପାନିକ, ଖଗପତି ପାନିକ, ଜେମା ପାନିକ, ବୈଦ୍ୟନାଥ ସମରଥ। କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି, ହସ୍ତତନ୍ତ ଆମ ଦେଶର ସ୍ୱାଧୀନତାର ପ୍ରତୀକ। ଆମକୁ ଆମ ସଭ୍ୟତାକୁ ଜାଣିବାକୁ ହେଲେ ହସ୍ତତନ୍ତ ବିଷୟରେ ଜାଣିବାକୁ ହେବ ବୋଲି କହିଥିଲେ । ଭୁବନେଶ୍ୱରସ୍ଥିତ ବୁଣାକର ସେବାକେନ୍ଦ୍ରର ନବନୀତ ଶେଖାବତ, ଭବାନୀପାଟଣାର କ୍ଷେତ୍ର ପ୍ରଚାର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, ଜୟପୁରର କ୍ଷେତ୍ର ପ୍ରଚାର ଅଧିକାରୀ ମନୋଜ କୁମାର ପାତ୍ର , କୋରାପୁଟ କୋ-ଅପରେଟିଭ ସୋସାଇଟିର ସବ୍‌ରେଜିଷ୍ଟ୍ରାର ନରେନ୍ଦ୍ର କୁମାର ସୁନା ଯୋଗଦେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଣାକରମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ ପ୍ରୋତ୍ସାହନ ଉପରେ ମତ ରଖିଥିଲେ। ବିଶ୍ୱ ବିଦ୍ୟାଳୟ ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ମୌସୁମୀ ଟାକ୍ରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୬ ବୁଣାକାର ସମ୍ମାନିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

NITIDINA- Odiya Daily

### କେନ୍ଦ୍ର ମାନବ ଓ ବୟନ ଶିଳ୍ପ ମନ୍ତ୍ରାଳୟ ପକ୍ଷରୁ ୩ୟ ଜାତୀୟ ହସ୍ତତନ୍ତ ଦିବସ ପାଳିତ

# ‘ହସ୍ତତନ୍ତ ଆମ ସ୍ୱାଧୀନତାର ପ୍ରତୀକ’

**କୋରାପୁଟ,୭।୮/ଏନ୍‌ଏନ୍‌ଏସ୍:** ଦେଶର ସାମାଜିକ ଓ ଆର୍ଥିକ ଉନ୍ନତିରେ ହସ୍ତତନ୍ତର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହା ଆମ ଦେଶର ସ୍ୱାଧୀନତାର ପ୍ରତୀକ। ହସ୍ତତନ୍ତର ଇତିହସ ସମ୍ପର୍କରେ ସମସ୍ତେ ଜାଣିବା ଆବଶ୍ୟକ ବୋଲି କୋପରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟଠାରେ ତୃତୀୟ ଜାତୀୟ ହସ୍ତତନ୍ତ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଏକଥା କହିଛନ୍ତି। କେନ୍ଦ୍ର ମାନବ ସମ୍ବଳ ଓ ବୟନ ଶିଳ୍ପ ମନ୍ତ୍ରଣାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଜୟପୁର ୟୁନିଟ୍ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୁଣାକାର ସେବାକେନ୍ଦ୍ରର ଅଧିକାରୀ, ଭବାନୀପାଟଣା କ୍ଷେତ୍ର ପ୍ରଚାର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, ଜୟପୁର କ୍ଷେତ୍ର ପ୍ରଚାର ଅଧିକାରୀ ମନୋଜ କୁମାର ପାତ୍ର, ସବ୍‌ରେଜିଷ୍ଟ୍ରାର, କୋରାପୁଟ କୋ-ଅପରେଟିଭ୍ ସୋସାଇଟିର ନରେନ୍ଦ୍ର କୁମାର ସୁନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପ୍ରଫେସର ଶ୍ରୀ ମହାନ୍ତି କେବିକେ ଅଞ୍ଚଳର ୬ ଜଣ ଶ୍ରେଷ୍ଠ ବୁଣାକାର ମଧୁ ପାନିକ, ବିଦ୍ୟାଧର ମୋହାନ୍ତ, ଗୋବର୍ଦ୍ଧନ ପାନିକ, ଖଗପତି ପାନିକ, ଜେମା ପାନିକ ଓ ବୋଇଦନାଥ ସମରଥଙ୍କୁ ସମ୍ମାନିତ କରିଥିଲେ।




କାର୍ଯ୍ୟକ୍ରମରେ ମନୋଜ ଜେନା ସ୍ୱାଗତ ଭାଷଣ ଦେବା ସହ ଖଦି ବ୍ୟବହାର କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶାର ହସ୍ତତନ୍ତର ଗୌରବମୟ ଇତିହାସ, ହସ୍ତତନ୍ତର ବିକାଶ ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ମତ ଦେଇଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ ଧନ୍ୟବାଦ ଦେଇଥିଲେ। ମେର୍ସି ମୌସୁମୀ ତର୍କୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

97 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2015-2017

- Koraput, Wednesday 9 August 2017
- କୋରାପୁଟ, ବୁଧବାର ୯ ଅଗଷ୍ଟ ୨୦୧୭
- ଆଜି କର୍କଟ ୨୫ ଦିନ, ୧୪୨୪ ସାଲ
- ଶ୍ରାବଣ ୧୮ ଦିନ, ୧୯୩୯ ଶକାବ୍ଦ, କୃଷ୍ଣପକ୍ଷ ଦ୍ୱିତୀୟା
- ଭାଗ- ୮୮ ସଂଖ୍ୟା- ୨୧୭
- www.thesamaja.com
  www.samajaepaper.com

ଟ ୫.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲକାତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର | ଅନୁଗୋଳ | କୋରାପୁଟରୁ ପ୍ରକାଶିତ

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ତୃତୀୟ ଜାତୀୟ ହସ୍ତତନ୍ତ ଦିବସ ପାଳିତ




ସୁନାବେଡ଼ା, ୮।୮ (ନି.ପ୍ର)- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ତୃତୀୟ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି । ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରାଳୟ ଏବଂ ସୂଚନା ପ୍ରସାରଣ ମନ୍ତ୍ରାଳୟ ଅନ୍ତର୍ଗତ କ୍ଷେତ୍ରୀୟ ପ୍ରଚାର ନିର୍ଦ୍ଦେଶାଳୟ ଜୟପୁର ୟୁନିଟ୍ ଦ୍ୱାରା ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇ କହିଥିଲେ ହସ୍ତତନ୍ତ ହେଉଛି ଆମ ଦେଶର ସ୍ୱାଧୀନତାର ପ୍ରତୀକ । ଆମ ସଭ୍ୟତା ଉପରେ ବିଶ୍ଳେଷଣ କରିବାକୁ ହେଲେ ପ୍ରଥମେ ହସ୍ତତନ୍ତ ସମ୍ବନ୍ଧରେ ଜାଣିବାକୁ ପଡ଼ିବ । ଆମର ଏହି ମହାନ ଦେଶର ଇତିହାସ ବିଷୟ ବିଦ୍ୟାର୍ଥୀମାନେ ଜାଣିବା ଓ ବୁଝିବାକୁ ପରାମର୍ଶ ଦେବା ସହିତ ସଂସ୍କୃତି, ଜାତୀୟତା ଉପରେ ଜାଣିବାକୁ କହିଥିଲେ । ସମ୍ମାନୀତ ଅତିଥି ଭାବେ ବୁଣାକାର ସେବାକେନ୍ଦ୍ର, ଭୁବନେଶ୍ୱରର ନବନୀତ ଶେଖାବତ, କ୍ଷେତ୍ର ପ୍ରଚାର ଅଧିକାରୀ, ଭବାନୀପାଟଣା ମହେନ୍ଦ୍ର ପ୍ରସାଦ ଜେନା, କ୍ଷେତ୍ର ପ୍ରଚାର ଅଧିକାରୀ, ଜୟପୁର ମନୋଜ କୁମାର ପାତ୍ର, ସବ୍‌ରେଜିଷ୍ଟ୍ରାର କୋ-ଅପରେଟିଭ ସୋସାଇଟି, କୋରାପୁଟ ନରେନ୍ଦ୍ର କୁମାର ସୁନା ଯୋଗ ଦେଇ ଓଡ଼ିଶାରେ ହସ୍ତତନ୍ତର ଗୌରବମୟ ଇତିହାସ ବିଷୟରେ କହିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ବୁଣାକାର ମଧୁପାନିକ, ବିଦ୍ୟାଧର ମୋହାନ୍ତ, ଗୋବର୍ଦ୍ଧନ ପାନିକ, ଖଗପତି ପାନିକ, ଶ୍ରୀମତୀ ଜେମା ପାନିକ ଓ ବୋଇଦନାଥ ସମରଥଙ୍କୁ ସମ୍ମାନୀତ କରିଥିଲେ । ବିଶ୍ୱବିଦ୍ୟାଳୟର ଲୋକସଂପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶ୍ରୀ ମୌସୁମୀ ଟାକ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# Six weavers felicitated at CUO on 3rd National Handloom Day

By **OB Bureau** - August 7, 2017

Koraput: Six eminent weavers, Madhu Panika, Bidyadhar Mahanta, Gobardhan Panika, Khagapati Panika, Jema Panika and Baidyanath Samarath, of KBK region were felicitated during a programme organized to mark the 3rd National Handloom Day at Central University of Orissa (CUO), Sunabeda, on Monday.

All six are recipient of national award for ethnic handloom products.

Vice-Chancellor of the University Sachidananda Mohanty inaugurated the programme aimed at generating awareness about importance of handloom industry and its contribution to the socio-economic development of the country.

Mohanty spoke about the importance of the handloom industry in the 18th century and its struggle during the British era. "Handloom is the symbol of our fight for freedom. Discovering handloom means discovering our nationalism," he said.

Field Publicity Officer, Bhawanipatna, Mahendra Prasad Jena asked the students to create awareness regarding the use of handloom.

Sub-registrar of Co-Operative Society, Koraput, Narendra Kumar Suna spoke about the glorious history of handloom in Odisha and appealed the gathering to recognize the tradition and culture for the development of handloom.

Technical Superintendent of Weavers Service Centre, Bhubaneswar, Navneet Singh Sekhawat highlighted the steps taken by the government to promote handloom and create employment opportunities in rural areas.

The programme was organized by the Directorate of Field Publicity, Ministry of Information and Broadcasting, in collaboration with CUO and the Ministry of Textile.

**OB Bureau**

# Third National Handloom Day observed at the Central University of Odisha, Sunabeda

August 8, 2017




**Report by Nishapati Nayak, Sunabeda:** The Third National Handloom Day was observed at the permanent campus of the Central University of Orissa, Sunabeda today, with the objective to generate awareness about the importance of handloom industry and its contribution to the socio-economic development of the country in general and to promote handlooms, income of weavers and enhance their pride in particular here today at its Sunabeda campus. The programme was organized by the Directorate of Field Publicity, Ministry of Information and Broadcasting in collaboration with the Central University of Orissa, Koraput and the Ministry of Textile, Government of India. Prof. Sachidananda Mohanty, Vice-Chancellor of the University inaugurated the programme as the Chief Guest and delivered a talk on Importance of the Handloom Industries in the social economic development of the country. Shri. Mahendra Prasad Jena, Field Publicity Officer, Bhawanipatna delivered the welcome address. Among others Shri. Navneet Singh Sekhawat, Technical Superintendent, Weavers Service Centre, Bhubaneswar and Shri Narendra Kumar Suna, Sub-Registrar, Co-Operative Society, Koraput addressed the programme. On this occasion Hon'ble Vice-Chancellor Prof. Mohanty felicitated six eminent weavers of the region.

Prof. Mohanty, in his energetic address emphasised on the importance of the handloom industry in the 18th century and its struggle during the British era. He also talked about how the British East India Company took over the Indian civilization. He said "Handloom is the symbol of freedom of our country and to know handloom we need to discover our civilization, our culture we need to discover India. We need to discover our handloom together, discovering handlooms means discovering our nationalism. To celebrate handloom means to celebrate the great nation called India". He motivated the students to know the glorious history of the country and live life with patriotism and feelings of nationalism. He said 'Central University of Orissa is the lamp of education in this region'.



8/8/2017 Third National Handloom Day observed at the Central University of Odisha, Sunabeda - OdishaDiary

Prof. Mohanty felicitated six eminent weavers of the KBK region on this occasion including one Sant Kavir awardee. They are the recipient of national award for ethnic handloom product Shri. Madhu Panika, Sh. Bidyadhar Mahanta, Sh.Gobardhan Panika, Sh. Khagapati Panika, Smt. Jema Panika and Shri Baidyanath Samarath.

Shri Jena in his welcome address requested and motivated the students to create awareness regarding the use of handloom. Mr. Suna in his address talked about the glorious history of handloom in Odisha and appealed the gathering to recognize our tradition and culture for the development of the handloom. Mr. Sekhawat talked about the objectives to promote handloom as it creates employment opportunities at the rural area and generate employment opportunity to the women's at the rural villages of the country. He also talked the important steps taken by the Government to promote the handloom.

Dr. Phagunath Bhoi, Public Relations Officer delivered the vote of thanks. Ms. Mercy Mousmi Takri, student counselor compeered the programme. All the students, faculty and staff of the University and weavers of the region were present at large.

**Share this:**

**Related**

Cultural Day Function of Central University of Odisha
March 21, 2017
In "Event"

GI Tag is beneficial not only to weavers and artisans, but consumers too: Textiles Minister
May 5, 2017
In "National"

Central University of Odisha signed MoU with HAL, Sunabeda
May 29, 2017
In "CITY"

## Comments

0 comments